# NATIONAL NEWS BULLETIN (ODIA)
## 24 December - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ବଜେଟ୍‌ର ରୂପରେଖ ପ୍ରସ୍ତୁତ ନେଇ ନିତି ଆୟୋଗର ଅର୍ଥନୀତିଜ୍ଞଙ୍କ ସହ ନୂଆଦିଲ୍ଲୀ ଠାରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ଏକ ଦେଶ, ଏକ ନିର୍ବାଚନ ବିଲ୍ ଉପରେ ତର୍ଜମା ପାଇଁ ଆସନ୍ତା ୮ ତାରିଖରେ ବସିବ ଜେ.ପି.ସି.ର ପ୍ରଥମ ବୈଠକ ।
- ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ଏନ୍.ସି.ଆର୍.ବି. ସହ ସମୀକ୍ଷା ବୈଠକରେ ଯୋଗଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ସଚେତନ ଉପଭୋକ୍ତା ହିଁ ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ ପକାଇ ପାରିବେ – କହିଲେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ପୁରୁଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ କ୍ରିକେଟ୍ ପ୍ରତିଯୋଗିତା ପାଇଁ କାର୍ଯ୍ୟସୂଚୀ ଘୋଷିତ ।

# ପିଏମ୍-ନିତି ଆୟୋଗ

କେନ୍ଦ୍ର ବଜେଟ୍ ୨୦୨୫-୨୬ ପ୍ରସ୍ତୁତି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ନିତି ଆୟୋଗରେ ବିଶିଷ୍ଟ ଅର୍ଥନୀତିଜ୍ଞମାନଙ୍କ ସହିତ ପରାମର୍ଶ କରିଛନ୍ତି । ଏହି ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

ସୂଚନା ଯୋଗ୍ୟ କେନ୍ଦ୍ର ବଜେଟ୍ ୨୦୨୫-୨୬ ପାଇଁ ପ୍ରାକ୍ ବଜେଟ୍ ପରାମର୍ଶ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଛି । ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀ, କୃଷକ ସଂଗଠନ, ଅର୍ଥନୀତିଜ୍ଞ ଏବଂ ଏମ୍.ଏସ୍.ଏମ୍.ଇ.ମାନଙ୍କ ସହିତ ପରାମର୍ଶ କରିଛନ୍ତି । ଆସନ୍ତା ଫେବୃୟାରୀ ୧ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ଲୋକସଭାରେ ୨୦୨୫-୨୬ ବର୍ଷର ବଜେଟ୍ ଉପସ୍ଥାପନ କରିବାର ସମ୍ଭାବନା ରହିଛି ।

# ଜେପିସି-ମିଟିଂ

ସଂସଦରେ ଆଗତ ହୋଇଥିବା ଏକ ରାଷ୍ଟ୍ର, ଏକ ନିର୍ବାଚନ ସମ୍ପର୍କିତ ଦୁଇଟି ବିଲ୍ ଉପରେ ତର୍ଜମା କରିବା ପାଇଁ ଆସନ୍ତା ଜାନୁଆରୀ ୮

ତାରିଖରେ ଯୁଗ୍ମ ସଂସଦୀୟ କମିଟି – ଜେ.ପି.ସି.ର ପ୍ରଥମ ବୈଠକ ଅନୁଷ୍ଠିତ ହେବ । ୩୯ ସଦସ୍ୟ ବିଶିଷ୍ଟ ଜେ.ପି.ସି.ରେ ଲୋକସଭାରୁ ୨୭ ଜଣ ଏବଂ ରାଜ୍ୟସଭାରୁ ୧୨ ଜଣ ସଦସ୍ୟ ରହିଛନ୍ତି । ପରବର୍ତ୍ତୀ ସଂସଦ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ସୁଦ୍ଧା କମିଟି ଗୃହରେ ତାର ରିପୋର୍ଟ ଦାଖଲ କରିବ । ଏହି କମିଟିରେ ବରିଷ୍ଠ ବିଜେପି ନେତା ପି.ପି. ଚୌଧୁରୀ ଅଧ୍ୟକ୍ଷ ରହିଛନ୍ତି । ଏହି ବିଲ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ୧୨୯ତମ ସମ୍ବିଧାନ ସଂଶୋଧନ  ବିଲ୍ ୨୦୨୪ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ୍ ସଂଶୋଧନ ବିଲ୍ ୨୦୨୪ ନାମରେ ନାମିତ କରାଯାଇଛି ।

## ଶାହା-ଏନ୍‌ସିଆର୍‌ବି ରିଭ୍ୟୁ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା  ଆଜି ନୂଆଦିଲ୍ଲୀରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ – ଏନ୍.ସି.ଆର୍.ବି. ସହିତ ତିନୋଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ଉପରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ଶ୍ରୀ ଶାହା ଆନ୍ତଃ କାର୍ଯ୍ୟକ୍ଷମ ଅପରାଧିକ ନ୍ୟାୟ ବ୍ୟବସ୍ଥା – ଆଇ.ସି.ଜେ.ଏସ୍. ଟୁ ପଏଣ୍ଟ ଜିରୋ ରେ ନୂତନ ଅପରାଧିକ ଆଇନ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଏନ୍.ସି.ଆର୍.ବି.କୁ ପରାମର୍ଶ ଦେଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ପୀଡ଼ିତ ଏବଂ ଅଭିଯୋଗକାରୀଙ୍କ ଲାଭ ପାଇଁ ପଞ୍ଜିକରଣ ଠାରୁ ଆରମ୍ଭ କରି ମାମଲାର ସମାଧାନ ପର୍ଯ୍ୟନ୍ତ ସମସ୍ତ ଅପରାଧିକ ମାମଲା ପାଇଁ ପୂର୍ବ ନିର୍ଦ୍ଧାରିତ ପର୍ଯ୍ୟାୟରେ ଏବଂ ସମୟସୀମା ମଧ୍ୟରେ ସତର୍କତା ସୃଷ୍ଟି କରାଯିବା ଉଚିତ୍ । ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଇ-ସାକ୍ଷ୍ୟ, ନ୍ୟାୟ, ଶ୍ରୁତି, ଇ-ସାଇନ୍ ଏବଂ ଇ-ସୁମନ ଭଳି ଆପ୍ଲିକେସନ୍ ବ୍ୟବହାର ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଏନ୍.ସି.ଆର୍.ବି.ର ଅଧିକାରୀମାନଙ୍କ ଏକ ଦଳ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପରିଦର୍ଶନ କରି ବୈଷୟିକ ପ୍ରକଳ୍ପ ଗ୍ରହଣକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ଉପାୟରେ ସହାୟତା କରିବା ପାଇଁ ମଧ୍ୟ ଶ୍ରୀ ଶାହା କହିଛନ୍ତି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କ ସହିତ ନିୟମିତ ଭାବେ ଆଲୋଚନା କରି ଅପରାଧ ଓ ଅପରାଧିକ ଟ୍ରାକିଂ ନେଟ୍‌ୱର୍କ ଓ ସିଷ୍ଟମ୍ ଏବଂ ଆଇ.ସି.ଜେ.ଏସ୍.ର ଅଗ୍ରଗତି ଉପରେ ନଜର ରଖିବା ସହ ପ୍ରକଳ୍ପକୁ ଆଗେଇ ନେବା ପାଇଁ ଶ୍ରୀ ଶାହା ଅନୁରୋଧ କରିଥିଲେ । ସେହିପରି ଅଜଣା ମୃତ ଦେହ ଏବଂ ଅଜଣା ଲୋକଙ୍କୁ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ୍ ଟେକ୍ନୋଲୋଜିର ବ୍ୟବହାର କରାଯିବା ଉଚିତ୍ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ମତବ୍ୟକ୍ତ କରିଥିଲେ ।

# କଞ୍ଜୁମର ଡେ

ସଚେତନ ଉପଭୋକ୍ତା ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ରର ମୂଳଦୁଆ ପକାଇ ପାରିବେ ବୋଲି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମତବ୍ୟକ୍ତ କରିଛନ୍ତି । ଜାତୀୟ ଉପଭୋକ୍ତା ଦିବସ ଅବସରରେ ଆଜି ଇ-କମର୍ସ ପ୍ଲାଟଫର୍ମରେ ଉପଭୋକ୍ତାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ଯୋଶୀ ଭର୍ଚୁଆଲ୍‌ରେ ବିଭିନ୍ନ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ।

ଇ-କମର୍ସ ପ୍ଲାଟଫର୍ମରେ ଗ୍ରାହକଙ୍କ ସୁରକ୍ଷା ଏବଂ ଠକେଇ ସଂପର୍କରେ ଚିହ୍ନଟ କରିବା ପାଇଁ ଶ୍ରୀ ଯୋଶୀ ଜାଗୋ ଗ୍ରାହକ ଜାଗୋ ଆପ୍, ଜାଗୃତି ଆପ୍ ଏବଂ ଜାଗୃତି ଡ୍ୟାସବୋର୍ଡ ଉନ୍ମୋଚନ କରିଛନ୍ତି । 'ଜାଗୋ ଗ୍ରାହକ ଜାଗୋ ଆପ୍' ଗ୍ରାହକଙ୍କ ଅନଲାଇନ୍ କାରବାର ସମୟରେ ସମସ୍ତ ୟୁଆରଏଲ୍ ବିଷୟରେ ଜରୁରୀ ଇ-କମର୍ସ ସୂଚନା ପ୍ରଦାନ କରିବ । ଯଦି କୌଣସି ୟୁଆରଏଲ୍ ଅସୁରକ୍ଷିତ ହୋଇଥିବ ଏବଂ ସତର୍କତା ଆବଶ୍ୟକ କରୁଥିବ, ସେ କ୍ଷେତ୍ରରେ ଗ୍ରାହକମାନଙ୍କୁ ସତର୍କ କରାଇବ ।

ଶ୍ରୀ ଯୋଶୀ ତାଙ୍କ ବାର୍ତ୍ତାରେ ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ସଶକ୍ତୀକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବଜାର ସ୍ଥାନ ପ୍ରଦାନ କରିବା ଏବଂ

ଡିଜିଟାଲ କ୍ଷେତ୍ରରେ ଠକେଇ ଉପରେ ନଜର ରଖିବା ଲାଗି ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି।

ଉପଭୋକ୍ତା ଅଧିକାରକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ଅଂଶୀଦାର, ବିଜନେସ୍ ଇ-କମର୍ସ ପ୍ଲାଟଫର୍ମ, ନାଗରିକ ସମାଜ ଏବଂ ନିୟାମକ କର୍ତ୍ତୃପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ଯୋଶୀ ଅନୁରୋଧ କରିଛନ୍ତି।

ସୂଚନା ଯୋଗ୍ୟ ଦେଶରେ ଖାଉଟି ଆନ୍ଦୋଳନର ମହତ୍ତ୍ୱ ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ ଜାତୀୟ ଖାଉଟି ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ହେଉଛି **ଭର୍ଚୁଆଲ୍ ଶୁଣାଣି ଏବଂ ଉପଭୋକ୍ତା ନ୍ୟାୟ ପାଇଁ ଡିଜିଟାଲ ଆକସେସ୍ ।**

## ଶ୍ୟାମ ବେନଗଲ

ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଶ୍ୟାମ ବେନେଗାଲଙ୍କ ପରଲୋକରେ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶୋକବାର୍ତ୍ତା ଜାରି କରି ଉପରାଷ୍ଟ୍ରପତି କହିଛନ୍ତି, ଶ୍ରୀ ବେନେଗାଲ୍‌ଙ୍କ ଚଳଚ୍ଚିତ୍ରଗୁଡ଼ିକ ସାମାଜିକ ବାସ୍ତବତାକୁ ଅତୁଳନୀୟ ଗଭୀରତା ଏବଂ ସମ୍ବେଦନଶୀଳତାର ସହିତ ଅନୁଶୀଳନ କରି

ରୂପାୟିତ ହୋଇଛି । କଳା, ସଂସ୍କୃତି ଓ କାହାଣୀ ସୃଷ୍ଟି କ୍ଷେତ୍ରରେ ବେନେଗାଲଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ । ବେନେଗାଲଙ୍କ ଅଗ୍ରଣୀ କାର୍ଯ୍ୟ ଭାରତୀୟ ଚଳଚ୍ଚିତ୍ରର ଦୃଶ୍ୟପଟ୍ଟକୁ ଅଧିକ ସମୃଦ୍ଧ କରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ଶ୍ୟାମ ବେନେଗାଲଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ଫିଲ୍ମ ନିର୍ମାତା ବେନେଗାଲଙ୍କ କାହାଣୀ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରି କହିଛନ୍ତି ଯେ ଏହା ଭାରତୀୟ ସିନେମା ଉପରେ ଗଭୀର ପ୍ରଭାବ ପକାଇଛି । ଶ୍ରୀ ବେନେଗାଲଙ୍କ କାର୍ଯ୍ୟକୁ ବିଭିନ୍ନ ବର୍ଗର ଲୋକମାନେ ଆଗାମୀ ଦିନରେ ମଧ୍ୟରେ ସ୍ମରଣ କରିବେ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ୯୦ ବର୍ଷ ବୟସ୍କ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଶ୍ରୀ ବେନେଗାଲଙ୍କର ଗତକାଲି ପରଲୋକ ଘଟିଥିଲା । ମୁମ୍ବାଇର ଶିବାଜୀ ପାର୍କରେ ରାଜ୍ୟ ମର୍ଯ୍ୟାଦାର ସହ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ଆଇସିସି-ଚାମ୍ପିୟନ୍ ଟ୍ରଫି

ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ – ଆଇ.ସି.ସି. ଆଜି ଆଇ.ସି.ସି. ପୁରୁଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛି । ଆସନ୍ତା ବର୍ଷ ଫେବୃୟାରୀ ୧୯ ତାରିଖରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏରେ ଭାରତ ସହିତ ବାଂଲଶଦେଶ, ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ରହିଛନ୍ତି । ଗ୍ରୁପ୍-ବିରେ ଆଫ୍‌ଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସ୍ଥାନିତ ହୋଇଛନ୍ତି । ପ୍ରତିଯୋଗୀତାର ପ୍ରଥମ ମ୍ୟାଚ୍ ଆସନ୍ତା ଫେବୃୟାରୀ ୧୯ ତାରିଖ ଦିନ କରାଚି ଠାରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ । ଭାରତ ତାର ପ୍ରଥମ ମ୍ୟାଚ୍‌ରେ ଆସନ୍ତା ଫେବୃୟାରୀ ୨୦ ତାରିଖରେ ଦୁବାଇଠାରେ ବାଂଲାଦେଶକୁ ଭେଟିବ । ୨୩ ତାରିଖ ଦିନ ଦୁବାଇ ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ଗୁଡ଼ିକ ଲାହୋର୍, କରାଚି ଏବଂ ରାଓଲପିଣ୍ଡିରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମାର୍ଚ୍ଚ ୪ ତାରିଖରେ ଦୁବାଇରେ ଏବଂ ଦ୍ୱିତୀୟ ସେମିଫାଇନାଲ୍ ଓ ଫାଇନାଲ୍ ମାର୍ଚ୍ଚ ୫ ଓ ୯ ତାରିଖ ଲାହୋର୍ ଠାରେ ଖେଳାଯିବ ।

# ଅଣ୍ଡର ନାଇଣ୍ଟିନ୍-ଓ୍ୱିମେନ୍ କ୍ରିକେଟ୍

୧୯ ବର୍ଷରୁ କମ୍ ଟି-ଟ୍ୱେଣ୍ଟି ମହିଳା ବିଶ୍ୱକପ୍ ୨୦୨୫ ପାଇଁ ବି.ସି.ସି.ଆଇ. ୧୫ ଜଣିଆ ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରିଛି । ବ୍ୟାଟିଂ ଅଲ୍‌ରାଉଣ୍ଡର ନୀକି ପ୍ରସାଦଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ସାନିକା ଚାଲ୍‌କେଙ୍କୁ ଉପ-ଅଧିନାୟକ ଭାବେ ମନୋନୀତ କରାଯାଇଛି । କମଳିନୀ ଜି ଏବଂ ଭାବିକା ଅହିରେଙ୍କୁ ଓ୍ୱିକେଟ୍ କିପର ଭାବେ ନିଯୁକ୍ତ କରାଯାଇଛି ।

ସୂଚନା ଯୋଗ୍ୟ ଆସନ୍ତା ଜାନୁଆରୀ ୧୮ରୁ ମାଲେସିଆର କ୍ୱାଲାଲମ୍‌ପୁରରେ ଏହି ବିଶ୍ୱକପ୍ ଖେଳାଯିବ । ଜାନୁଆରୀ ୧୯ ତାରିଖରୁ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ଦଳ ତାର ପ୍ରଥମ ମ୍ୟାଚ୍ ଖେଳିବ ।

# ମୁରୁଗାନ-ଜଲଜୀବନ ମିଶନ୍

ଜଲଜୀବନ ମିଶନ୍ କାର୍ଯ୍ୟକାରୀ କରିବାରେ ଝାଡ଼ଖଣ୍ଡ ସରକାର ଅବହେଳା କରିଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଅଭିଯୋଗ କରିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନାର ସମୀକ୍ଷା କରିବା ପାଇଁ ଆକାଂକ୍ଷି ଜିଲ୍ଲା ପାଲାମୁରେ  ତିନିଦିନିଆ ସରକାରୀ ଗସ୍ତରେ ଆସିଥିବା ମନ୍ତ୍ରୀ ଡକ୍ଟର ମୁରୁଗାନ କହିଛନ୍ତି, କେନ୍ଦ୍ରସରକାର ଝାଡ଼ଖଣ୍ଡକୁ

ଏହି ଯୋଜନା କାର୍ଯ୍ୟକାରି କରିବା ପାଇଁ ପାଞ୍ଚ ବର୍ଷ ପୂର୍ବରୁ ଆବଶ୍ୟକ ପରିମାଣର ଅର୍ଥ ଯୋଗାଇ ଦେଇଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଆଗ୍ରହ ଅଭାବରୁ ମିଶନ୍‌ର ସଠିକ୍ କାର୍ଯ୍ୟକାରିତା ହୋଇପାରିଲା ନାହିଁ ।

## ପାଣିପାଗ

ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ଲଦାଖ, ପଞ୍ଜାବ, ହରିଆଣା ଏବଂ ଚଣ୍ଡିଗଡ଼ରେ ଆସନ୍ତାକାଲି ପର୍ଯ୍ୟନ୍ତ ଭୀଷଣ ଶୀତଲହରି ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତା ଦୁଇ ଦିନ ମଧ୍ୟରେ ପଶ୍ଚିମବଙ୍ଗ, ବିହାର, ଆସାମ, ମେଘାଳୟ, ଦିଲ୍ଲୀ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ରାତ୍ରି ଓ ସକାଳେ ଘନ କୁହୁଡ଼ି ଦେଖାଦେବ ବୋଲି ଆଇ.ଏମ୍.ଡି. କହିଛି ।

ସେହିପରି ଓଡ଼ିଶା, ଉପକୂଳ ଆନ୍ଧ୍ରପ୍ରଦେଶ, ୟାନାମ ଏବଂ ରାୟଲ ସୀମାରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।